ଓକିଲ ସଂଘ କର୍ମକର୍ତ୍ତା ନିର୍ବାଚନ

ନୀଳଗିରି:

॥ ପ୍ରଭାନ୍ୟୁଜ୍ଜ। ବେତନଟ, ୩।୦।୩ : ସମଗ୍ର ରାଜ୍ୟବ୍ୟାପୀ ଓକିଲ ସଂଘ ମାନଙ୍କର ନିର୍ବାଚନ ମାର୍ଚ୍ଚ ୨୯ ତାରିଖରେ ହେବାକୁ ଥିବା ବେଳେ, ବେତନଟୀ ବାର ଆସୋସିଏସନ୍ ପକ୍ଷରୁ ନିର୍ବାଚନ ଆଜି ଅନୁଷ୍ଠିତ ହୋଇଯାଇଛି । ଓକିଲ ସଂଘ ନିର୍ବାଚନ ରେ ଅଧିକାଂଶ ପଦବିରେ ପ୍ରାର୍ଥୀ ନିର୍ବାଚିତ ହୋଇଥିବା ବେଳେ ବେତନଟୀ ବାର ଆସୋସିଏସନ୍ ରେ ମୋଟ ୪୧ ସଦସ୍ୟ ବିଶିଷ୍ଟ ବେତନଟୀ ଓକିଲ ସଂଘ ରେ ନିର୍ବାଚନରେ ୩୮ ଜଣ ଓକିଲ ଅଂଶ ଗ୍ରହଣ କରିଥିଲେ । କେବଳ ଉପସଭାପତି ପଦରେ ୩ଜଣ ଓ କୋଷାଧ୍ୟକ୍ଷ ପଦରେ ୨ଜଣ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରିଥିଲେ । ନିର୍ବାଚନ ଅଧିକାରୀ ରଣଜିତ ରାୟଚଢନ୍ତ ତତ୍ତ୍ୱାବଧାନରେ ଭୋଟ ଗଣତି ପରେ ଉପସଭାପତି ଭାବେ ରବି ନାରାୟଣ ମହାପାତ୍ର ଓ କୋଷାଧ୍ୟକ୍ଷ ଭାବେ ମନୋଜ ଦଳେଇ ଓ ଲମ୍ବୋଦର ନାୟକଙ୍କ ଭୋଟ ସମାନ ହେବା ଯୋଗୁଁ ଡମ୍ବରେ ଲମ୍ବୋଦର ନାୟକ ବିଜୟ ଲାଭ କରିଥିଲେ। ଏତଦ୍ ବ୍ୟତୀତ ଅନ୍ୟ ସମସ୍ତ ପଦବୀରେ ପ୍ରତିଦ୍ୱନ୍ଦ୍ୱିତା ନ ଥିବାରୁ ସେମାନେ ବିଜୟ ଘୋଷିତ ହୋଇଛନ୍ତି । ସେମାନେ ହେଲେ ସଭାପତି ଭାବରେ ଦେବବ୍ରତ ପଣ୍ଡିତା, ସମ୍ପାଦକ ଭାବରେ ପ୍ରବୀଣ ବାରିକ, ସହ ସମ୍ପାଦକ ଭାବରେ ହରଦତ୍ତ ମହାନ୍ତ ଓ କାର୍ଯ୍ୟକାରୀ କମିଟିର ୫ ଜଣ ସଦସ୍ୟ ହେଲେ ପ୍ରଫୁଲ୍ଲ ଦେହେରା, ସତ୍ୟକାମ ପଣ୍ଡା, ଧ୍ରୁବ ଖଣ୍ଡେଶ୍ୱର, ଧିରେନ୍ଦ୍ର ଦେହେରା ଓ ସଂଜୟ ପାତ୍ର ପ୍ରମୁଖ ନିର୍ବାଚିତ ହୋଇଛନ୍ତି ।

ନିର୍ବାଚିତବର୍ଷ ସମଗ୍ର ରାଜ୍ୟରେ ଓକିଲ ସଂଘ ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି । ନୀଳଗିରି ଉପଖଣ୍ଡରେ ଦୁଇଟି ଓକିଲସଂଘ ଏହି ନିର୍ବାଚନ ପ୍ରକ୍ରିୟାରେ ସାମିଲ ହୋଇଥିଲେ । ସୂଚନା ଅନୁସାରେ, ଉପଖଣ୍ଡ ବାର ଆସୋସିଏସନ୍ ନିର୍ବାଚନରେ ସମସ୍ତ କାର୍ଯ୍ୟକର୍ତ୍ତା ନିର୍ଦ୍ଦଳରେ ନିର୍ବାଚିତ ହୋଇଥିବା ବେଳେ ସଭାପତି ଭାବେ ପୂର୍ବତନ ବିଧାୟକ ତଥା ବରିଷ୍ଠ ଆଇନଜୀବୀ ବିଭୀଷଣ ଷଡ଼ଙ୍ଗୀ, ଗୌରହରି ବେହେରା ଓ ଯତୀନ୍ଦ୍ର ନାୟକ ଯୁଗ୍ମ ଉପସଭାପତି ଭାବେ ନିର୍ବାଚିତ ହୋଇଛନ୍ତି । ଏହି ନିର୍ବାଚନରେ ସମ୍ପାଦକ ଭାବେ କିଶୋର ଦାସ, ସହସମ୍ପାଦକ ବିଶ୍ୱେଶ୍ୱର ବାରିକ ଓ ସୁରେଶ ଚନ୍ଦ୍ର ବାରିକ ନିର୍ବାଚିତ ହୋଇଥିବା ବେଳେ ଦେବାନନ୍ଦ ଦାସ କୋଷାଧ୍ୟକ୍ଷ ଭାବେ ନିର୍ଦ୍ଦଳରେ ମନୋନୀତ ହୋଇଛନ୍ତି । ଏଥିରେ କାର୍ଯ୍ୟକାରୀ ସଦସ୍ୟ ଭାବରେ ଜୟନ୍ତ କୁମାର, ପ୍ରଶାନ୍ତ ମଲ୍ଲିକ, ଜୟନ୍ତ ପାତ୍ର, ଶାନ୍ତିଲତା ମିଶ୍ର, ତନୁଶ୍ରୀତା ମଲ୍ଲିକ ସଂଘର ସଦସ୍ୟ ଭାବେ ମନୋନୀତ ହୋଇଥିବାବେଳେ ଅନୁରୂପଭାବେ ନୀଳଗିରି ବାର ଆସୋସିଏସନ୍ କାର୍ଯ୍ୟକର୍ତ୍ତା ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା ହୋଇଥିବାରୁ ଆଇନଜୀବୀ ଅମରେନ୍ଦ୍ର ପଟ୍ଟନାୟକ, ସଦାଧର ପରିଡାଙ୍କୁ ପରାସ୍ତ କରି ନିର୍ବାଚିତ ହୋଇଛନ୍ତି । ଉପସଭାପତି ପଦବୀରେ ରଞ୍ଜନ ପଣ୍ଡା ନିର୍ବାଚିତ ହୋଇଥିବା ବେଳେ ସୋମନାଥ ନାୟକଙ୍କୁ ପରାସ୍ତ କରି ଦେବେନ୍ଦ୍ର ପଣ୍ଡା ସମ୍ପାଦକ ପଦବୀ ହାସଲ କରିଥିଲେ । ଯୁଗ୍ମ ସମ୍ପାଦକ ଭାବେ ଅନନ୍ତ ପ୍ରସାଦ ପଣ୍ଡା ଏବଂ କରୁଣାକର ସ୍ୱାଇଁ କୋଷାଧ୍ୟକ୍ଷ ଭାବେ ନିର୍ବାଚିତ ହୋଇଛନ୍ତି । କାର୍ଯ୍ୟକାରୀ ସଦସ୍ୟ ଭାବରେ ଜିତାଞ୍ଜଳି ପାଣିଗ୍ରାହୀ, ପ୍ରତିମା ମହାନ୍ତି, ନିବେଦିତା ଜେନା, ଶାନ୍ତନୁ ବିଶ୍ୱାଳ, ଶରତ ବେହେରା ପ୍ରମୁଖ ପାଞ୍ଚଜଣ ସଦସ୍ୟ ନିର୍ଦ୍ଦଳରେ ନିର୍ବାଚିତ ହୋଇଛନ୍ତି । ସମସ୍ତ କାର୍ଯ୍ୟକର୍ତ୍ତା ଆଗାମୀ ଏପ୍ରିଲ ୧ ତାରିଖ ଠାରୁ ଆସନ୍ତା ୨୦୨୬ମସିହା ମାର୍ଚ୍ଚ ୩୧ ପର୍ଯ୍ୟନ୍ତ ପଦବୀରେ ଅଧିଷ୍ଠାପିତ ରହିବେ ।

କାକଟପୁର: ପୁରୀ ଜିଲ୍ଲା କାକଟପୁର ଓକିଲ ସଂଘର ଏକ ଜରୁରୀ କୌଠକ ବସି ନିର୍ବାଚନ ଅଧିକାରୀ ଆଇନଜୀବୀ ହରେକୃଷ୍ଣ ସ୍ୱାଇଁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କର୍ମକର୍ତ୍ତା ନିର୍ବାଚନ ଶେଷ ହୋଇଛି । ଏହି ନିର୍ବାଚନ ରେ ୨୮ ଜଣ ଆଇନଜୀବୀ ସେମାନଙ୍କର ମତଦାନ ସାବ୍ୟସ୍ତ କରିଥିଲେ । ଏଥିରେ ଓକିଲ ସଂଘର ସଭାପତି ଭାବେ ଆଇନଜୀବୀ ଅଶୋକ ଦାସ ଆଇନଜୀବୀ ଉମାକାନ୍ତ ମିଶ୍ର ଉପସଭାପତି ଏବଂ ସମ୍ପାଦକ ଭାବେ ଆଇନଜୀବୀ ନିରେନ ପ୍ରସାଦ ମହାନ୍ତି, ଯୁଗ୍ମସମ୍ପାଦକ ଆଇନଜୀବୀ ବିଲ୍ୱାପ କୁମାର ଚେହେରା, ସହ-ସମ୍ପାଦକ ଆଇନଜୀବୀ ପ୍ରଭାତ କୁମାର ପାଣ୍ଡିତ, କୋଷାଧ୍ୟକ୍ଷ ଭାବେ ଆଇନଜୀବୀ ଲକ୍ଷ୍ମୀକାନ୍ତ ଶତପଥୀ, ଲାଇବ୍ରେରୀ ସମ୍ପାଦକ ଭାବେ ଆଇନଜୀବୀ ବିଲ୍ୱାପ କୁମାର ବାରିକ ନିର୍ବାଚିତ ହୋଇଥିବାବେଳେ ଉପଦେଷ୍ଟା ଭାବେ ଆଇନଜୀବୀ ଅସରଫ ଖାନ,ଆଇନଜୀବୀ ଦିବ୍ୟଦର୍ଶୀ ବିଶ୍ୱାଳ, ଆଇନଜୀବୀ ଶେଖ ମୁସ୍ତାକିମ ଓ ଆଇନଜୀବୀ କମଳ ଲୋଚନ ପଣ୍ଡିତ ମନୋନୀତ ହୋଇଛନ୍ତି।

ଜିଲ୍ଲାସ୍ତରୀୟ ସମବାୟ ବର୍ଷ ପାଳିତ

॥ ପ୍ରଭାନ୍ୟୁଜ୍ ॥ ଜଗତସିଂହପୁର, ୩।୦।୩: ଜଗତସିଂହପୁର ସବଡ଼ିଭିଜନ ଅଧିକାରୀ ସାମଜାରାମ ସଂସ୍ଥିତି ଭବନ ପରିସରରେ ଜିଲ୍ଲାସ୍ତରୀୟ ଅନ୍ତର୍ଜାତୀୟ ସମବାୟ ବର୍ଷ ପାଳିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ଜ୍ୟୋତି ଶଙ୍କର ରାୟ, ଜାଲମୀମୀକା ମହାବିଦ୍ୟାଳୟ ପ୍ରିନ୍ସିପାଲ ଜିତୁଜଳ ପ୍ରଧାନ, ରାଜ୍ୟପାଳ ଏଡିଏସ ଦିଶ୍ୱ ଭୂଷଣ ମହାନ୍ତି, ଜଗତସିଂହପୁର ଡିଏଫଓ ରାଜେଶ ଚନ୍ଦ୍ର ମଲ୍ଲିକ, ଜିଲ୍ଲା ମତ୍ସ୍ୟ ଅଧିକାରୀ ରେଣୁମାରାଣୀ ସିଂ, ଜେଡେଡ଼ି ଜିଏସ ପ୍ରମୁଖ ଯୋଗଦେଇଥିଲେ । ପ୍ରାରମ୍ଭରେ ଅତିଥିମାନେ ମହାତ୍ମା ଜେଡ଼ୁଆ ଙ୍କ ଚିତ୍ରରେ ପୁଷ୍ପାର୍ଘ୍ୟ ଅର୍ପଣ କରି କାର୍ଯ୍ୟକ୍ରମ ଉଦଘାଟନ କରିଥିଲେ। ଦେଶାତ୍ମବୋଧ ସ୍ୱାଗତ ସଂଗୀତ ଗାନ କରାଯାଇଥିଲା । ଜଗତସିଂହପୁର ବିଭାଜନ ସମବାୟ ସମିତି ଉପ ନିବନ୍ଧକ ପ୍ରଭାତ କୁମାର ଶତପଥୀ ଅତିଥି ପରିଚୟ ଦେଇଥିଲେ। କାର୍ଯ୍ୟକ୍ରମ ସଞ୍ଚାଳନ ଅତିଥିମାନଙ୍କ ସମବାୟକୁ ସମ୍ବନ୍ଧ କରିବାରେ ମହିଳା ମାନଙ୍କର ଭୂମିକା ଗୁରୁତ୍ୱପୂର୍ଣ୍ଣ ରହିଛି ଶ୍ରମିକା ମାନଙ୍କୁ ସମ୍ମାନ କରିବାରେ ସମବାୟର ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରୁଛି।

ଏକ ଦିବସୀୟ କ୍ରିକେଟ ଉଦ୍‌ଘାଟିତ

॥ ପ୍ରଭାନ୍ୟୁଜ୍ ॥ ନୀଳଗିରି, ୩।୦।୩: ନୀଳଗିରି ବ୍ଲକ ସିଆଡ଼ିମାଳ ଗଣ୍ଡାୟତ ତରଫ ଖେଳ ପଡ଼ିଆରେ ଏକ ଦିବସୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି । ଏଥିରେ ୮ ଟିମ ଅଂଶ ଗ୍ରହଣ କରିଥିବାବେଳେ ଫାଇନାଲ ମ୍ୟାଚ୍‌ରେ ଜଣ୍ଡିପଦା ବ୍ଲକ ଚାଇଜର ବିଜୟ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ନୀଳଗିରି ପୂର୍ବତନ ବିଧାୟକ ଜଂ ସୁନାଥ ନାୟକ, ନୀଳଗିରି ବ୍ଲକ ଅଧ୍ୟକ୍ଷା ଶୁଭଲକ୍ଷ୍ମୀ ମାଝି, ପୂର୍ବତନ ଏଚଏସଡି ରେଭାଲେମେନ ମହନ ମାଝି, ବିଜେଡ଼ି ନେତା ଗଙ୍ଗାଧର ମିଶ୍ର, ସ୍ଥାନୀୟ ସରପଞ୍ଚ ସୁଭାଷ ସିଂ, ସମିତି ସଭ୍ୟ ରାଜୀବ ଦାସବାବୁ ମଣ୍ଡାସିନ ପ୍ରୋଜ ଖେଳାଳୀମାନଙ୍କୁ ଉତ୍ସାହିତ କରିଥିଲେ ।

ଭିଜିଲାନ୍ସ ଜାଲରେ ସ୍ୱେରେଜ ବୋର୍ଡ ସହକାରୀ ପ୍ରକଳ୍ପ ପରିଚାଳକ

॥ ପ୍ରଭାନ୍ୟୁଜ୍ ॥ ଜଟଣୀ, ୩।୦।୩: ଭିଜିଲାନ୍ସ ବିଭାଗରେ ଓଡ଼ିଶା ଜଳ ଯୋଗାଣ ଏବଂ ସ୍ୱେରେଜ୍ ବୋର୍ଡ ଭୁବନେଶ୍ୱର ସହକାରୀ ପ୍ରକଳ୍ପ ପରିଚାଳକ ଦେବାଶିଷ ସାହୁ । ଆୟ ବହିର୍ଭୂତ ସମ୍ପତ୍ତି ପୁଞ୍ଜ ଅଭିଯୋଗରେ ଏକ ସଙ୍ଗରେ ୭ ଗୋଟି ସ୍ଥାନରେ ଭିଜିଲାନ୍ସ ବିଭାଗ ପକ୍ଷରୁ ଚଢାଉ କରାଯାଇଥିଲା । ଓଡ଼ିଶା ଭିଜିଲାନ୍ସ ବିଭାଗର ୭ ଜଣ ଡିଏସପି, ୯ ଜଣ ଇନ୍‌ସପେକ୍ଟର, ୧୦ ଜଣ ଏଏସଆଇ ଏବଂ ଅନ୍ୟାନ୍ୟ ସହାୟକ କର୍ମଚାରୀଙ୍କ ସହଯୋଗରେ ଏକକାଳୀନ ଭାବେ ଏହି ଚେତ କରାଯାଇଥିଲା । ଭୁବନେଶ୍ୱର, ଜଟକ ସହିତ ଜଟଣୀର ମେନ୍ ରୋଡ୍ ସ୍ଥିତ ତାଙ୍କ ଆବାସିକ ଘର, ଭୁବନେଶ୍ୱରର ଆଇଗିଣିଆ ଅଞ୍ଚଳରେ ସୁବାନ୍ତି ଦେବୀ ଏନକ୍ଲେଭର ଉଚ୍ଚାସ୍ତର, ଜଟଣୀର ସର୍ଦ୍ଦାର ପଟେଲ ମାର୍ଗରେ ଥିବା ଦୁଇ ମହଲା କୋଠା ଏବଂ ତିନି ମହଲା (ନିର୍ମାଣାଧୀନ) କୋଠା, ଜଟଣୀର ବନଦୁର୍ଗା ମାର୍କେଟ୍ କମ୍ପ୍ଲେକ୍ସର ଦୁଇଟି ଦୋକାନ, କଟକର ଚୌଦ୍ୱାରରେ ସମ୍ପର୍ଦ୍ଦାୟଙ୍କ ଘର ଓ ଭୁବନେଶ୍ୱରର ତାଙ୍କ କାର୍ଯ୍ୟାଳୟରେ ଖୋଜତାଜ କରାଯାଇଥିଲା । ଭିଜିଲାନ୍ସ ବିଭାଗ ପକ୍ଷରୁ ଏ ସମ୍ପର୍କିତ ଅଧିକ ତଥ୍ୟ ମିଳିପାରି ନାହିଁ।

ଅଭିଭାବକ ସହଭାଗିତା କାର୍ଯ୍ୟକ୍ରମ

॥ ପ୍ରଭାନ୍ୟୁଜ୍ ॥ ବୈଶିଙ୍ଗା, ୩।୦।୩: ରାଇକମା ଆଶ୍ରମ ବିଦ୍ୟାଳୟରେ ଫାଣ୍ଟେଜିଏସ୍ ଆଡ୍ ପାର୍ଟନରସ୍ କାର୍ଯ୍ୟକ୍ରମ ପ୍ରଧାନ ଶିକ୍ଷକ ରଜତ ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ମଦନ ସିଂ, ବେତନଟୀ ମଣ୍ଡଳ ସମ୍ପାଦକ ଅରବିନ୍ଦ ଅଧିକାରୀ, ମୁଖ୍ୟବକ୍ତା ଅଜିତ ଜେନା, ରଘୁନାଥ ହାଇସ୍କୁଲ ପ୍ରଧାନଶିକ୍ଷକ, ସମ୍ମାନିତଅତିଥି ଭାବେ ରମାକାନ୍ତ ମହାନ୍ତି, ନରେନ୍ଦ୍ର ସିଂ, ରମାଜସେବୀ ପ୍ରତୀପ ପ୍ରଧାନ, ଗୋଷ୍ଠୀ କୃଷି ଅଧିକାରୀ ବଳରକ୍ଷା ପ୍ରଭାତୀ ପାତ୍ର ବକ୍ତବ୍ୟ ପ୍ରଦାନ କରିଥିଲେ । ମୁଖ୍ୟଅତିଥି 'ଜାଣିଲେ ଜିଣିବା' ଉକ୍ତିର ଯଥାର୍ଥ ପ୍ରତିପାଦନ କରିଥିଲେ । ଏହି ସଭାରେ ମୁଖ୍ୟବକ୍ତା ଉଚ୍ଚ ଲକ୍ଷ୍ୟ ରଖି ପାଠ ପଢ଼ିବା ସହିତ କଠିନ ପରିଶ୍ରମ କରିବାକୁ ପରାମର୍ଶ ଦେଇଥିଲେ । ଅତିଥିଙ୍କୁ ସମ୍ବର୍ଦ୍ଧିତ କରାଯିବା ସହ ଦୁଇଜଣ ପିତା, ଭବାନୀ ଶଙ୍କର ମହାନ୍ତିଙ୍କୁ ରକ୍ତ ଦାନ ଭଳି ମହତ୍ କାର୍ଯ୍ୟରେ ଯୋଗଦେଇ ଅନ୍ୟମାନଙ୍କ ଜୀବନ ରକ୍ଷା କରିଥିବାରୁ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି ଅବସରରେ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା । ଏହି ସଭାରେ ଜିଲ୍ଲା ସାମ୍ବାଦିକ ସଂଘ ସଭାପତି ଅରୁଣ ଓଡା, ସଞ୍ଜୟ ମିଶ୍ର, ମଧୁସୂଦନ ମହାନ୍ତି, ସତ୍ୟଜିତ ରାଉତ, ବିମକେନ୍ଦ୍ର ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ । ଶେଷରେ ରଜତ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ ।

ନିର୍ମାଣ ଶ୍ରମିକଙ୍କୁ ସହାୟତା ରାଶି ପ୍ରଦାନ

॥ ପ୍ରଭାନ୍ୟୁଜ୍ ॥ ଢେଙ୍କାନାଳ, ୨୯।୩: ଓଡିଶା କୋଠାବାଡି ଓ ଅନ୍ୟାନ୍ୟ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡ ଢେଙ୍କାନାଳ ତରଫରୁ ଢେଙ୍କାନାଳ ଜିଲ୍ଲାପାଳ ସୋମେଶ କୁମାର ଉପାଧ୍ୟାୟ ଉପସ୍ଥିତିରେ ପଞ୍ଜୀକୃତ ନିର୍ମାଣ ଶ୍ରମିକମାନେନୀତ ବ୍ୟକ୍ତିଙ୍କୁ ସହାୟତା ପ୍ରଦାନ କରାଯାଇଛି । ଶିବିରରେ ୧୭୩ ଜଣ ଆବେଦନକାରୀଙ୍କୁ ୧୬,୬୭,୨୦୦ ଟଙ୍କା ଶିକ୍ଷା ସହାୟତା, ୧୧୪ ଜଣ ଆବେଦନକାରୀଙ୍କୁ ୫୬, ୭୫,୦୦୦ ଟଙ୍କା ବିବାହ ସହାୟତା, ୩ ଜଣ ଆବେଦନକାରୀଙ୍କୁ ୩୦ ହଜାର ପ୍ରସୂତିଜନୀନ ସହାୟତା, ୭୯ ଜଣ ମନୋନୀତ ବ୍ୟକ୍ତିଙ୍କୁ ୧, ୬୪,୦୦,୦୦୦ ମୃତ୍ୟୁଜନୀନ ସହାୟତା ଓ ୭୮ ଜଣ ମନୋନୀତ ବ୍ୟକ୍ତିଙ୍କୁ ୪. ୩,୯୦,୦୦୦ /-(ଅନ୍ତ୍ୟେଷ୍ଟିକ୍ରିୟା ସହାୟତା) ସର୍ବ ମୋଟ ୪୪୭ ଜଣ ନିର୍ମାଣ ଶ୍ରମିକଙ୍କୁ ୨,୪୧,୬୨,୨୦୦ ଟଙ୍କା ହିତାଧିକାରୀଙ୍କ ଆକାଉଣ୍ଟକୁ ପ୍ରଦାନ କରାଯାଇଛି । ଶିବିରରେ ଉପନ କୁମାର ସୁଦାର, ଜିଲ୍ଲା ଶ୍ରମ ଅଧିକାରୀ (କଲ୍ୟାଣ) ଓ ଜିଲ୍ଲା ଶ୍ରମ କାର୍ଯ୍ୟାଳୟ କର୍ମଚାରୀ ଓ ନିର୍ମାଣ ଶ୍ରମିକ ଉପସ୍ଥିତଥିଲେ । ଜିଲ୍ଲା ଶ୍ରମିକ ଅଧିକାରୀ ଶ୍ରୀ ସୁଦାର ଜଣାଇଛନ୍ତି ।

ଦହିକୋଟୀ ହାଇସ୍କୁଲର ବାର୍ଷିକୋତ୍ସବ

॥ ପ୍ରଭାନ୍ୟୁଜ୍ ॥ ବେତନଟୀ, ୩।୦।୩: ଦହିକୋଟୀ ଗଡ଼ ବିଦ୍ୟାଳୟର ବାର୍ଷିକ ପୁରସ୍କାର ବିତରଣ ଉତ୍ସବ ଉଦ୍‌ଯାପିତ ହୋଇଯାଇଛି । ଏହ ବର୍ଷାନ୍ତ ପରିବେଶ ମଧ୍ୟରେ ଆୟୋଜିତ ଉତ୍ସବରେ ପ୍ରଧାନଶିକ୍ଷୟିତ୍ରୀ ବିଜୟ ଲକ୍ଷ୍ମୀ ଟିଲ ଅଧ୍ୟକ୍ଷତା କରିଥିଲେ । ଶିକ୍ଷୟିତ୍ରୀ ସଗିତା ସାହୁଙ୍କ ସଂଯୋଜନାରେ ଆୟୋଜିତ ଉତ୍ସବରେ ମୁଖ୍ୟଅତିଥି ପ୍ରାକ୍ତନ ଜିଲ୍ଲା ପରିଷଦ ସଦସ୍ୟ ସମାଜସେବୀ ଇ. ଗୁଣାନ୍ତ ବଳା, ମୁଖ୍ୟବକ୍ତା ମୟୂରଭଞ୍ଜ ଜିଲ୍ଲା ସାମ୍ବାଦିକ ସଂଘ ସଭାପତି ଅରୁଣ କୁମାର ଓଡା, ସମ୍ମାନିତଅତିଥି ସିଆରସିସି କାନ୍ଦୁରା ମାଝି, ଶ୍ରୀର୍ଣ୍ଣ ସଭ୍ୟ ଶତ୍ରୁଘ୍ନ ମହାନ୍ତ, ପରିଚାଳନା କମିଟି ସଦସ୍ୟ ଶରତ ମହାନ୍ତ ପ୍ରମୁଖ ଯୋଗଦାନ କରିଥିଲେ । ଅତିଥି ବୃନ୍ଦ ଉତ୍ସବକୁ ଉଦ୍‌ଘାଟନ କରିଥିଲେ । ଶ୍ରୀମତୀ ସାହୁ ବେଦ ମନ୍ତ୍ର ଉଚ୍ଚାରଣ କରିବାପରେ ଛାତ୍ରୀଙ୍କ ଦ୍ୱାରା ସ୍ୱାଗତ ସଂଗୀତ ପରିବେଷଣ ହୋଇଥିଲା । ସ୍କୁଲ ପ୍ରତିଷ୍ଠା ସମୟରେ ଯେଉଁ ମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ଥିଲା ସେମାନଙ୍କୁ ସ୍ମରଣ କରାଯାଇଥିଲା । ଗୁରୁ ଶିଷ୍ୟଙ୍କ ମଧ୍ୟରେ ଥିବା ଭକ୍ତି ଭାବ ଜିପରି ଅବକ୍ଷୟ ହେବାରେ ଲାଗିଛି ସେ ସମ୍ପର୍କରେ କେତେକ ତଥ୍ୟ ପ୍ରଦାନ କରିଥିଲେ । ଏହି ଅବସରରେ ସୁଲୋଚନା ଓ ସନ୍ତୋଷ ବଳା ମେଧା ଛାତ୍ର ବୃତ୍ତି ପ୍ରଦାନ କରାଯାଇଥିଲା । ଶିକ୍ଷକ/ଶିକ୍ଷିକା ପ୍ରିୟଙ୍କା ସାହୁ, ଶୁଭଶ୍ରୀତା ହେହେରା, ପଞ୍ଚାନନ ଗଙ୍ଗାଇ, କ୍ଷୀରୋଦ ମହାନ୍ତି, ମମତା ସାମଲ, ବଳଭଦ୍ର ଓଡା, ଧ୍ରୁବ ମହାନ୍ତ, ଗଣେଶ୍ୱର ମହାନ୍ତ, ଉପସ୍ନିତା ଓଝା, ସତ୍ୟଜିତ ନାୟକ, ଦିଲାସିନୀ ସାହୁ, ପ୍ରତାପ ମହାନ୍ତ, ଦୀପକ ମହାନ୍ତ ପ୍ରମୁଖ ସହଯୋଗ କରିଥିଲେ । ଶେଷରେ ଶ୍ରୀମତୀ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

ଡ. ଦେବେନ୍ଦ୍ର ପ୍ରଧାନଙ୍କ ସ୍ମୃତିରେ ରକ୍ତଦାନ

॥ ପ୍ରଭାନ୍ୟୁଜ୍ ॥ ଅନୁଗୁଳ, ୩।୦।୩: ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ବିଜେପିର ବରିଷ୍ଠ ନେତା ଏବଂ ବର୍ତ୍ତମାନ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଥିବା ଧର୍ମେନ୍ଦ୍ର ପ୍ରଧାନଙ୍କ ପିତା ସ୍ୱର୍ଗତ ଡାକ୍ତର ଦେବେନ୍ଦ୍ର ପ୍ରଧାନଙ୍କ ସ୍ମୃତିରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଛି । ସୁବର୍ଣ୍ଣଶ୍ରୀ ସ୍ୱେଚ୍ଛାସେବୀ ସଂଗଠନର ସଭାପତି ବ୍ରହ୍ମଜ୍ୟୋତି ମିଶ୍ରଙ୍କ ତତ୍ୟାବଧାନରେ ଟାଙ୍ଗସି ଗ୍ରାମ ପଞ୍ଚାୟତ ଯୁବଗୋଷ୍ଠି ଏବଂ ଗ୍ରାମବାସୀଙ୍କ ସହଯୋଗରେ ଏହି ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ଢେଙ୍କାନାଳ ସାଂସଦ ଚନ୍ଦ୍ରମାଣିଆ ପାଣି ଉତ୍ସବରେ ମୁଖ୍ୟଅତିଥି ରୂପେ ଯୋଗଦାନ କରି ଶିବିରକୁ ଉଦଘାଟନ କରିବା ସହିତ 'ରକ୍ତଦାନ ଜୀବନ ଦାନ' 'ରକ୍ତଦାନ ମହତ ଦାନ' କାର୍ଯ୍ୟକୁ ଚରିତାର୍ଥ କରି ଏପରି ଏକ ଶିବିରର ଆୟୋଜନ କରାଯାଇଥିବାରୁ ଆୟୋଜକ ମାନଙ୍କୁ ଧନ୍ୟବାଦ ଦେବା ସହିତ ରକ୍ତ ଦାତାଙ୍କୁ ଉତ୍ସାହିତ କରିଥିଲେ। ଅନ୍ୟତମ ଅତିଥି ଭାବେ ବିଜେପି ଢ଼ିଲ୍ଲି ଜୋଷାଧ୍ୟକ୍ଷ ବିଶ୍ୱଜିତ ମିଶ୍ର, ଟାଙ୍ଗସି ସରପଞ୍ଚ ସୌଦାମିନୀ ପ୍ରଧାନ, ସାତଜୋଷିଆ ମଣ୍ଡଳ ସଭାପତି ଗାଧାଚରଣ ପଟେଲ ପ୍ରମୁଖ ଯୋଗ ଦାନ କରି ଶିବିରର ଆୟୋଜନ, ରକ୍ତଦାତାଙ୍କୁ ଧନ୍ୟବାଦ ଜଣାଇଥିଲେ।ଶିବିର ପରିଚାଳନାରେ ଟାଙ୍ଗସି ଗ୍ରାମ ପଞ୍ଚାୟତ ସୁବଗୋଷ୍ଠୀର ଅନନ୍ତ ବେହେରା, ଶରତ ବୃନ୍ଦ ପ୍ରଧାନ,ବେଦବ୍ୟାସ ପ୍ରଧାନ,ଲକ୍ଷ୍ମଣ ସାହୁ ତ୍ରିଲୋଚନ ଜେନା,ହେମନ୍ତ ପ୍ରଧାନ,ବିପିନି ବିହାରୀ ଜେନା,ସୁବୋଧ ହେନ୍ଦୁରି,ବିମାଧର ସାହୁ, ସୁବଶକ୍ତି ଅନୁଷ୍ଠାନର ସାତଜୋଷିଆ ସଭାପତି ନିରଞ୍ଜନ ସାହୁ,ସମ୍ପାଦକ ପ୍ରଫୁଲ୍ଲ ସାହୁ,ପ୍ରକାଶ ବାରିକ, ସନ୍ତୋଷ ଜାଏକ,ସୁଭାଷ ନନ୍ଦ,ବସାନିଧି ଦାସ ଏବଂ ବକ୍ତକା ସିଏଚସିର ଡାକ୍ତର ଗଣ୍ଟିରେଖା ଦାସ, ଅନୁରୋଜ ରକ୍ତଭଣ୍ଡାରର ନର୍ସ ମଞ୍ଜୁପ୍ରଭା ଶତପତି, ଗଣ୍ଟିରେଖା ମାର୍ବୀ,ଏମଏଲଟି ଲଳିତ କୁମାର ବେହେରା,ଆଚେତାନ୍ଦ ରାଣେଶ୍ୱର ମୁଖୀ,ହାଜରେ ସୁଦାନ୍ତ ସାହୁ,ସ୍ୱେଚ୍ଛାସେବି ରମେଶ ପାତ୍ର କାଜନଶାଲର ହରିଶ ବୃନ୍ଦ ଜେନା ପ୍ରମୁଖ ସହଯୋଗ କରିଥିଲେ।ଏହି ଶିବିରରେ ମୋଟ ୩୫ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା।

ମହାବୀର ମନ୍ଦିର ବାର୍ଷିକୋତ୍ସବ ବୈଠକ

॥ ପ୍ରଭାନ୍ୟୁଜ୍ ॥ ବୈଶିଙ୍ଗା, ୩।୦।୩: ବୈଶିଙ୍ଗା ଗ୍ରାମ ପଞ୍ଚାୟତ ଅଧୀନ ଜଦକିପା ଗ୍ରାମରେ